# Akashvani, Sambalpur

## SAMBALPURI NEWS BULLETIN

### 25 October 2025 – 6.47- 6.52 am.

*********************************************

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ ହେବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରାଜ୍ୟପାଲ୍-ଶକ୍ତି ବିଭାଗ୍ ସମୀକ୍ଷା        I&PR

ରାଏଜେ ଅକ୍ଷୟଶକ୍ତିର୍ ଭିତିଭୂମି କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଛୋଟ୍ ଛୋଟ୍ ସୌରଶକ୍ତି ଉତ୍ପାଦନ କେନ୍ଦ୍ର ଥାପ୍‌ନା ଉପ୍‌ରେ ଜୋର୍ ଦେବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ରାଜ୍‌ଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ଗଲାକାଏଲ୍ ଶକ୍ତି ବିଭାଗ୍‌ର କାମ୍‌କାଜ୍‌ର ସମୀକ୍ଷା କରିକରି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି - ଅକ୍ଷୟ ଶକ୍ତିର୍ ବିକାଶ୍ ଦିଗେ ନିଆଯାଇଥିବା ଉଦ୍ୟମ୍‌କେ ପ୍ରଶଂସା କରିଛନ୍ ।

କଳାମଣ୍ଡଲ୍ ପ୍ରକଳ୍ପ ସମୀକ୍ଷା-ମୁଖ୍ୟମନ୍ତ୍ରୀ I&PR

ଓଡ଼ିଶାର୍ ସବୁନୁ ବଡ଼ ପ୍ରେକ୍ଷାଳୟ କଳାମଣ୍ଡଲ୍‌ର ତିଆର୍ କାମ୍ ୨୦୨୬ ମସିହା ମେ ମାସ୍‌ତକ୍ ସାର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ସୈନିକ୍ ସ୍କୁଲ୍ ପାଖେ ତିଆର୍ ଚାଲିଥିବା କଳାମଣ୍ଡଲ୍ ପ୍ରକଳ୍ପ କାମ୍‌ର ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ସୂଚ୍‌ନା ଅନ୍‌ସାରେ ପାଖାପାଖି ୧୦ ଏକଡ଼୍ ଜମିଥି ତିଆର୍ ଚାଲିଥିବା କଳାମଣ୍ଡଲ୍ ଲାଗି ଶହେ ୭୩ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପ ନିର୍ବାଚନ୍ ଲାଗି ଗଲାକାଏଲ୍ ରିଟର୍ଣ୍ଣିଂ ଅଧିକାରୀଙ୍କର୍ ତର୍ଫୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷ୍ନା ହେବାର୍ ସହେତେ ସ୍ୱାଧୀନ୍ ପ୍ରାର୍ଥୀମାନ୍‌କୁ ନିର୍ବାଚନୀ ଚିହ୍ନା ଦିଆଯାଇଛେ । ୫ ଟା ଦଲର୍ ପ୍ରାର୍ଥୀ ମାନ୍‌କର୍ ନିଜର୍ ଦଲୀୟ ଚିହ୍ନା ଥିଲା ବେଲ୍‌କେ ୯ ଝନ୍ ସ୍ୱାଧୀନ୍ ପ୍ରାର୍ଥୀଙ୍କୁ ଚିହ୍ନା ଦିଆଯାଇଛେ । ଗଲାକାଏଲ୍ ନାମାଙ୍କନ୍ ପ୍ରତ୍ୟାହାର୍‌ର ଶେଷ୍ ଦିନେ କେନ୍‌ସି ଭିଲ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ ନାଇଁକରି । ଏଛ୍‌ନି ମୋଟ୍ ୧୪ ଝନ୍ ପ୍ରାର୍ଥୀ ନିର୍ବାଚନ୍ ମଇଦାନ୍ ନ ନିଜର୍ ଭାଗ୍ୟ ପରୀକ୍ଷା କର୍‌ବେ । ପ୍ରାର୍ଥୀମାନେ ଭୋଟର୍‌ମାନ୍‌କର୍ ବିଶ୍ୱାସ୍ ଜିତ୍‌ବାର୍ ଲାଗି ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ ।

ଉପମୁଖ୍ୟମନ୍ତ୍ରୀ - ନୂଆପଡ଼ା ଗସ୍ତ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଲାକାଏଲ୍‌ଠାନୁ ୩ ଦିନିଆ ନୂଆପଡ଼ା ଗସ୍ତ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଖାସ୍ କରି ନୂଆପଡ଼ା ଉପନିର୍ବାଚନ୍‌ଥି ଦଲର୍ ପ୍ରାର୍ଥୀ ଜୟ ଢୋଲ୍‌କିଆଙ୍କର୍ ସଙ୍ଗେ ଜନସମ୍ପର୍କ କାର୍ଯ୍ୟକ୍ରମ୍‌ଥି

ଯୋଗ୍ ଦେବେ । ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀମତୀ ପରିଡ଼ା ସୂଚ୍‌ନା ଦେଇଛନ୍ ।

କ୍ରୀଡ଼ା ଭିତିଭୂମି ସମୀକ୍ଷା I&PR

ରାଏଜେ କ୍ରୀଡ଼ା ଭିତିଭୂମିର୍ ନିର୍ମାଣ୍ କାମ୍‌ର ଅଗ୍ରଗତିକେ ନେଇକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ରାଏଜେ ତିଆର୍ ଚାଲିଥିବା ଭିନ୍ ଭିନ୍ ସୁଇମିଂପୁଲ୍ କମ୍ପ୍ଲେକ୍ସ, ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ାର୍ ଆଇକନିକ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଆଉ ଇନ୍‌ଡୋର୍ ହଲ୍, ସମ୍ବଲ୍‌ପୁରର୍ ଫୁଟ୍‌ବଲ୍ ଟ୍ରେନିଂ ସେଂଟର୍ ତିଆରି କାମ୍‌ର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇତାର୍ ସହେତେ ଝାର୍‌ସୁଗୁଡ଼ା ଆଉ ଭଦ୍ରକ୍ ନ ପ୍ରସ୍ତାବିତ୍ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତିଭୂମିର୍ ନିର୍ମାଣ୍ ବାବ୍‌ଦେ ଭିଲ୍ ଆଲୋଚନା କରିଛନ୍ ।

କନ୍‌ଷ୍ଟେବଲ୍‌ଙ୍କୁ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୪ ହଜାର୍ ୨ ଶହ ୧୯ ଝନ୍ କନ୍ଷ୍ଟେବଲ୍‌ଙ୍କୁ ନିଯୁକ୍ତି ଦିଆଯିବା । ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ଗଲାକାଏଲ୍ ଗୃହ ବିଭାଗ୍ ତର୍‌ଫୁ ଅନୁମୋଦନ୍ କରାଯାଇଛେ । ନିୟମ୍ ଅନ୍‌ସାରେ ନିଯୁକ୍ତି ପ୍ରକ୍ରିୟା ମୁଲ୍ କର୍‌ବାର୍‌କେ ସର୍‌କାର୍ ଅନୁମତି ଦେଇଛନ୍ । ଇ ବାବ୍‌ଦେ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଗୃହ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହିଲା ସଶକ୍ତିକରଣ୍-ସିନ୍‌ମା ପ୍ରଦର୍ଶନ୍ I&PR

ମହିଲା ସଶକ୍ତିକରଣ୍ ଦିଗେ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଚଲଚ୍ଚିତ୍ର ପ୍ରଦର୍ଶନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ମହିଲା ସଶକ୍ତିକରଣ୍ ଉପ୍‌ରେ ଆଧାରିତ୍ ହିନ୍ଦୀ ସିନ୍‌ମା ‘ଲାପତା ଲେଡିଜ୍’ ପ୍ରଦର୍ଶିତ୍ ହେଇଥିଲା । କାର୍ଯ୍ୟକ୍ରମ୍‌ଥି ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମାଙ୍କର୍ ସହେତେ ଲୋକ୍‌ସେବା ଭବନ୍‌ର ୪ ଶହ ୫୦ ଝନ୍ କର୍ମଚାରୀ ଉପସ୍ଥିତ୍ ଥିଲେ । ଫି’ ମାସର୍ ୩ ନମ୍ବର୍ ଶନିବାର୍ ଦିନ ସିନ୍‌ମା ପ୍ରଦର୍ଶନ୍ କରାଯିବା ।

ସାଇବର୍ ସୁରକ୍ଷା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ସାଇବର୍ ସୁରକ୍ଷା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଜିଲ୍ଲା ନ ଚାଲିଥିବା ସାଇବର୍ ସଚେତନତା କାର୍ଯ୍ୟକ୍ରମ୍କେ ଆହୁରି ଜବର୍ କର୍ବାର୍କେ ନିଷ୍ପତି ନିଆଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପସାଗର ନ ହେଇଥିବା ଘୂର୍ଣ୍ଣିବଳୟ ଲଘୁଚାପ୍ଥି ବଦ୍ଲିଛେ । ଆଏବା ସୋମ୍ବାର୍ ଦିନ୍ତକ୍ ଇଟା ବାତ୍ୟା ରୂପ୍ ନେଇପାରେ । ଆଏବା ୨୮ ଆଉ ୨୯ ତାରିଖ୍ ସକାଳେ ବାତ୍ୟା ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ିକେ ଛୁଇଁବା । ଓଡ଼ିଶାକେ ବାତ୍ୟା ବିଶେଷ୍ ନୁକ୍ସାନ୍ ନାଇଁ କରେ । ମାତରକ ଆଏବା ୬ ଦିନ୍ତକ୍ ରାଏଜେ ବର୍ଷା ଲାଗି ରହେବା । ରାଜ୍ୟର୍ ଦକ୍ଷିଣ୍ ଆଉ ସମୁଦ୍ରଖଁଡ଼ି ଇଲାକା ନ ଅତିଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ବାତ୍ୟାକେ ନେଇକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ପୁରାପୁରି ତୟାର୍ ଅଛେ, ଲୁକେ ନାଇଁ ଘବ୍ରାବାର୍କେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ସୁରେଶ ପୂଜାରୀ)

ବାତ୍ୟାକେ ନେଇକରି ଜଲ୍‌ସମ୍ପଦ୍ ବିଭାଗ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବାତ୍ୟା ବେଲେ ହେବାର୍‌କେ ଥିବା ବର୍ଷା ଲାଗି ରାଜ୍ୟର୍ ଜଲ୍‌ଭଣ୍ଡାର୍ ମାନ୍‌କର୍ ଥିତି ଉପ୍‌ରେ ନଜର୍ ରଖ୍‌ବାର୍‌କେ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ନଦୀମାନ୍‌କେ ଜଲ୍‌ସ୍ତର୍ କମ୍ ଥିବାର୍‌ନୁ ବର୍ଷା ହେଲେ ଭିଲ୍ ଇହାଦେ ବଏଢ଼୍ ବିପଦ୍ ନାଇଁ ବଲି ବୈଠକ୍ ନ ସୂଚ୍‌ନା ଦିଆଯାଇଛେ ।